# Akashvani, Sambalpur

## SAMBALPURI NEWS BULLETIN

### 15 July 2024- 6.47- 6.52 am.

*************************************************

ବାହୁଡ଼ାଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ଆଏଜ୍ ଅଷାଢ଼୍ ମାସର୍ ଉଜଲ୍ ପଖର୍ ଦଶ୍‌ମୀ ତିଥିଥି ବାହୁଡ଼ା ରଥଯାତ୍ରା ହେବା । ମହାପ୍ରଭୁ ଶ୍ରୀମନ୍ଦିର୍‌କେ ବାହାର୍‌କେ । ଇଥିର୍‌ଲାଗି ପୁରୀ ଶରଧାବାଲି ନ ତାଳଧ୍ୱଜ, ଦର୍ପଦଳନ ଆର୍ ନନ୍ଦିଘୋଷ ରଥ ତୟାର୍ ହେଇଛେ । ଦିନର୍ ୧୨ ବଜେ ଆଡ଼ପ ମଣ୍ଡପ୍‌ନୁ ବିଗ୍ରହଙ୍କର୍ ପହଣ୍ଡି ଆର୍ ଉପର୍‌ବେଲା ୪ ବଜେ ରଥିଘିଚା ମୁଲ୍ ହେବା । ବାଟେ ମାଉସୀ ମାଙ୍କର୍ ହାତୁ ମାହାପୁରୁ ପୋଡ଼ପିଠା ଗ୍ରହଣ୍ କର୍‌ବେ । ରାଜନଅର୍ ସାମ୍ନା ନ ଲକ୍ଷ୍ମୀ- ନାରାୟଣ ଭେଟ ହେବା ।

ପବିତ୍ର ବାହୁଡ଼ା ଯାତ୍ରାର୍ ଉଲ୍‌ଗୁନେ ମହାପ୍ରଭୁଙ୍କର୍ ବିଶେଷ୍ ନୀତି ଲାଗି ସମିଆ ଧାରିଜ୍ ହେଇଛେ । ଇଥିର୍‌ଲାଗି ଗଲା ରାତିନୁ ଶ୍ରୀମନ୍ଦିର୍ ନ ନୀତିକାନ୍ତି ମୁଲ୍ ହେଇଛେ । ଗଲାକାଏଲ୍

ଉପରବେଲା ୫ ବଜେତକ୍ ଆଡ଼ପ ମଣ୍ଡପ୍ ନ ମହାପ୍ରଭୁଙ୍କର୍ ସନ୍ଧ୍ୟାଦର୍ଶନ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ନୀଳାଦ୍ରୀ ବିଜେ ସର୍‌ବାର୍‌ତକ୍ - ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆର୍ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରୀ ନ ରହେବେ । ସେମାନେ ନୀଳାଦ୍ରୀ ବିଜେ ସର୍‌ବାର୍‌ତକ୍ ଶ୍ରୀଗୁଣ୍ଡିଚା ଯାତ୍ରାର୍ ସବୁ ରୀତିନୀତି ଯେନ୍ତା ଠିକ୍‌ଠାକ୍ ଆର୍ ଶୃଙ୍ଖଲିତ୍ ହେଇପାର୍‌ବା ଆର୍ ଭକ୍ତମାନେ କେହେନି ପ୍ରକାରର୍ ଅସୁବିଧାଥି ନାଇଁ ପଡ଼ନ୍ ହେଟା ନିଶ୍ଚିତ୍ କର୍‌ବେ ।

ରତ୍ନଭଣ୍ଡାର୍ ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍‌କେ ୪୬ ବଛର୍ ଉତ୍‌ରୁ ଗଲାକାଏଲ୍ ଫେର୍‌ଘାଏ ଖୁଲାଯାଇଛେ । ନିଜେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସାମାଜିକ ଗଣମାଧ୍ୟମ୍ ଜରିଏ ଇ ସୂଚ୍‌ନା ଦେବାର୍ ସଙ୍ଗେ ମାହାପୁରୁ ଶ୍ରୀ ଜଗନ୍ନାଥଙ୍କର୍ ଆଜ୍ଞାଥି ରତ୍ନଭଣ୍ଡାର୍ ଖୁଲ୍‌ଲା ବଲି କହିଛନ୍ । ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଯାଂଚ୍ କମିଟିର୍ ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର୍‌ର ମୁଖ୍ୟ

ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ସହେତେ ୧୧ ଝନିଆ ଦଲ୍ ରତ୍ନଭଣ୍ଡାର୍ ଖୁଲ୍‌ବାର୍ ସମିଆଥି ଉପସ୍ଥିତ୍ ଥିଲେ । ହେଲେ ରତ୍ନମାନ୍‌କର୍ ଗଣ୍‌ତି ମଣ୍‌ତି ନାଇଁ ହେଇ । ବାହାର ରତ୍ନଭଣ୍ଡାର୍‌ନୁ ରତ୍ନମାନ୍‌କୁ ବାହାର୍ କରିକରି ସ୍ୱତନ୍ତ୍ର ଭାବେ କରାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ଥି ସିଲ୍ କରିକରି ରଖାଯାଇଛେ । ଭିତର ରତ୍ନଭଣ୍ଡାର ଚାବିଥି ନାଇଁ ଖୁଲ୍‌ଲା, ହେଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦିତ୍ ମାର୍ଗଦର୍ଶିକା ଅନ୍‌ସାରେ ଭିତର ରତ୍ନଭଣ୍ଡାର୍‌ର ତାଲା ଭଙ୍ଗା ହେଲା । ଭିତର ରତ୍ନଭଣ୍ଡାର୍‌ର ସିନ୍ଦୁକ ଆର୍ ଆଲ୍‌ମିରା ମାନ୍‌କୁ ରତ୍ନ ରହିଛେ ଆର୍ ଗୁଟେ ଦିନେ ଭିତର ରତ୍ନଭଣ୍ଡାର୍‌ନୁ ରତ୍ନ କଢ଼ାଯିବା ବଲି ଡକ୍ଟର୍ ପାଢ଼ୀ କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନର୍ ୧୧ ବଜେନୁ ଭୁବ୍‌ନେଶ୍ୱର୍‌ର ୟୁନିଟ୍ - ୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ଠାନେ ଲୋକ୍‌ମାନ୍‌କର୍‌ନୁ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ମିଲିଥିବା ସୂଚ୍‌ନା

ଅନ୍‌ସାରେ ଅଭିଯୋଗ୍ ଶୁଣାଣି ଲାଗି ସଖାଲର୍ ୮ ବଜେନୁ ମଏଧାନର୍ ୧୨ ବଜେତକ୍ ପଞ୍ଜିକରଣ୍ ହେବା । ଲୁକେ ହେ ସମିଆଥି ଉପସ୍ଥିତ୍ ରହିକରି ନିଜର୍ ଅଭିଯୋଗ୍ ପଞ୍ଜିକରଣ୍ କରେଇକରି ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର୍ ଅଭିଯୋଗ୍ ଜନେଇପାର୍‌ବେ । ପଞ୍ଜିକରଣ୍ ସମିଆଥି ଲୋକ୍‌ମାନ୍‌କୁ ଗୁଟେ ଟୋକନ୍ ଦିଆଯିବା । ସେ ଟୋକନ୍‌ର କ୍ରମିକ ସଂଖ୍ୟା ଅନ୍‌ସାରେ ଲୁକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ନିଜର୍ ଅଭିଯୋଗ୍ ଜନାବେ ।

ଖରିଫ୍ ଧାନ୍ ପଞ୍ଜିକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଖରିଫ୍ ଫସଲ୍‌ର ଧାନ୍ ବିକ୍‌ବାର୍‌କେ ସୁବିଧା ଦେବାର୍ ଲାଗି ଆଏଜ୍‌ଠାନୁ ଚାଷୀମାନ୍‌କୁ ପଞ୍ଜିକରଣ୍ ଫର୍ମ ଯୁଗେଇ ଦେବାର୍‌କେ ଖାଦ୍ୟ ଆଉ ଯୋଗାଣ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ମାସର୍ ଶେଷ୍‌ତକ୍ ଚାଷୀମାନ୍‌କୁ ଫର୍ମ ଦିଆଯିବା ଆଉ ଆଏବା ମାସ ୧୬ ତାରିଖ୍‌ତକ୍ ଚାଷୀମାନେ ଫର୍ମ ଦାଖଲ୍ କର୍‌ବାର୍‌କେ ଧାରିଜ୍ କରାଯାଇଛେ । ଚାଷୀମାନ୍‌କର୍ ପଞ୍ଜିକରଣ୍ କାମ୍ ଆଏବା ଗୁରୁବାର୍‌ନୁ ଅଗଷ୍ଟ ମାସର୍ ୨୨ ତାରିଖ୍‌ତକ୍ ଚାଲ୍‌ବା । ହେନ୍ତା ଫର୍ମ ମାନ୍‌କର୍ ଯାଂଚ୍ ଉତ୍‌ରୁ ଆଏବା

ସେପ୍ଟେମ୍ବର୍ ଶେଷ୍ ଆଡ଼୍କେ ଧାନ୍ ବିକ୍ରି ତାଲିକା ବାହାର୍ କରାଯିବା ।

ବିଶ୍ୱ ଯୁବକୌଶଲ୍ ଦିବସ ଆର୍ଏନ୍ୟୁ / ସମ୍ବଲପୁର

ଫି’ ଦେଶର୍ ଭବିଷ୍ୟତ୍ ଇତାର୍ ଯୁବ ପିଢ଼ି ଉପ୍ରେ ନିର୍ଭର୍ କର୍ସି । ଯୁବ ବର୍ଗର୍ ଦକ୍ଷତା ଜରିଏ, ସେମାନ୍କର୍ ପରିବାର୍ ସମାଜ୍ ଆର୍ ଦେଶ୍ର ଉନ୍ନତିଥି ସାହାଜ୍ କର୍ସି । ପ୍ରଧାନ୍ମନ୍ତ୍ରୀ ୨୦୧୫ ଜୁଲାଇ ୧୫ ତାରିଖ୍ ଦିନ ବିଶ୍ୱ ଯୁବକୌଶଲ୍ ଦିବସ୍ ଉଲ୍ଗୁନେ ଦକ୍ଷତା ବିକାଶ୍ ଯୋଜ୍ନା ମୁଲ୍ କରିଥିଲେ । ଇ ଯୋଜ୍ନାଥି ସର୍କାର୍ଙ୍କର୍ ତର୍ଫୁ ଯୁଆନ୍ ପିଲା ଟୁକେଲ୍ମାନ୍କୁ ଭିନ୍ ଭିନ୍ କ୍ଷେତ୍ର ନ ମାହାଲିଆ ଔଦ୍ୟୋଗିକ୍ ପ୍ରଶିକ୍ଷଣ୍ ଦିଆଯିବାର୍ ସୁବିଧା ରହିଛେ । ଇଥି ଯୁଆନ୍ ପିଲାଟୁକେଲ୍ମାନେ ପ୍ରଶିକ୍ଷିତ ହେଇକରି ରୋଜଗାର୍କ୍ଷମ ହେଇପାର୍ବେ । ଇନ ଜନେଇ ଦିଆଯାଇପାରେ ଯେ, ଶ୍ରୀଲଙ୍କାର୍ ପ୍ରସ୍ତାବ୍ ଅନ୍ସାରେ ଜାତିସଂଘ ମହାସଭା ନ ୨୦୧୪ ନଭେମ୍ବର୍- ୧୧ ତାରିଖ୍ ଦିନ ବିଶ୍ୱ ଯୁବ କୌଶଲ୍ ଦିବସ୍ ପାଲନ୍ କର୍ବାର୍ ଲାଗି ଥିର୍ କରାଯାଇଥିଲା ।

ଡାକ୍ତର୍‌ଖାନା-ଅଗ୍ନି ନିରାପତା         ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ଫି ଡାକ୍ତର୍‌ଖାନା ନ ସୁରକ୍ଷିତ ଅଗ୍ନି ନିରାପତା ବାବ୍‌ଦେ କଡ଼ାକଡ଼ି ଯାଂଚ୍ କରାଯିବା । ଇଥିର୍‌ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସ୍ୱାସ୍ଥ୍ୟ, ଗୃହ ଆଉ ବିଦ୍ୟୁତ୍ ବିଭାଗ୍‌ର ଅଧିକାରୀମାନ୍‌କୁ ନେଇକରି ଟାସ୍କଫୋର୍ସ ଗଠନ୍ କରାଯାଇଛେ । ଇ ଟାସ୍କଫୋର୍ସ ଫି ହସ୍‌ପିଟାଲ୍ ନ ନିଆଁର୍ ମୁକାବିଲା ଲାଗି ଥିବାର୍ ବ୍ୟବସ୍ଥା ବାବ୍‌ଦେ ଯାଂଚ୍ କର୍‌ବେ । ହେନ୍ତା ଘରୋଇ ଡାକ୍ତର୍‌ଖାନାମାନ୍‌କେ ଅଗ୍ନି ଲିଭାବାର୍ ବ୍ୟବସ୍ଥା ବାବ୍‌ଦେ ଏସ୍‌ଓପି ତିଆର୍ କରାଯିବା । ଯାଂଚ୍ ସମିଆଥି ଡାକ୍ତର୍‌ଖାନାମାନ୍‌କର୍ ନୂଆଁ ବିଲ୍‌ଡିର ସୁରକ୍ଷା ପ୍ରମାଣ୍‌ପତ୍ରକେ ଜୋର୍ ଦିଆଯିବା ବଲି ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ଇ ନିର୍ଦ୍ଦେଶ୍ ଅନ୍‌ସାରେ ରାଜ୍ୟର୍ ମହାନଗର୍ ନିଗମ୍ ଆର୍ ଜିଲ୍ଲାମାନ୍‌କେ ଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ୍‌ମାନ୍‌କେ ନିଆଁ ଲିଭାବାର୍ ବ୍ୟବସ୍ଥାକେ ସୁରକ୍ଷିତ୍ କର୍‌ବାର୍‌କେ ସୁନିଶ୍ଚିତ୍ କର୍‌ବେ ବଲି ସେ ନିର୍ଦ୍ଦେଶ୍ ଦେଇଛନ୍ ।

ଦକ୍ଷ ଓଡ଼ିଶା ଲୋକାର୍ପଣ୍         ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ସର୍କାର୍ ଆଉ ସ୍କିଲ୍ ଇନ୍ ଓଡ଼ିଶା ତର୍ଫୁ ଆଏଜ୍ ୪ ଟା ଯୋଜ୍ନାର୍ ଲୋକାର୍ପଣ୍ କରାଯିବା । ଦକ୍ଷତା ବିକାଶ୍ ଆଉ ବୈଷୟିକ ଶିକ୍ଷା ବିଭାଗ୍ ତର୍ଫୁ ଦକ୍ଷ ଓଡ଼ିଶା -ବିକଶିତ୍ ଓଡ଼ିଶା ଲାଗି ଇ କାର୍ଯ୍ୟକ୍ରମ୍ ହାତ୍କେ ନିଆଯାଇଛେ । ଲୋକାର୍ପଣ୍ କାର୍ଯ୍ୟକ୍ରମ୍ଥି ଆତିଥେୟତା ପ୍ରଶିକ୍ଷଣ୍ ଲାଗି ପହେଲା କୌଶଲ୍ ଭବନ୍, ମୁଖ୍ୟମନ୍ତ୍ରୀ ଆସ୍ୱାୟାର୍ ଯୋଜ୍ନା, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ୍ ଫେଲୋସିପ୍ କାର୍ଯ୍ୟକ୍ରମ୍, ନୂଆଁ ଓଡ଼ିଶା ଦକ୍ଷତା କେନ୍ଦ୍ର ଆର୍ କୌଶଲ ରଥ ରହିଛେ ।

ବର୍ଷା ଆର୍ଏନ୍ୟୁ /ସମ୍ବଲପୁର

ପଶ୍ଚିମବଙ୍ଗ୍ ଗଙ୍ଗା ନଦୀ ଇଲାକା ଆର୍ ପାଖର୍ ଓଡ଼ିଶା ଆର୍ ଝାର୍ଖଣ୍ଡ୍ ନ ଗଲାକାଏଲ୍ ଗୁଟେ ଘୂର୍ଣ୍ଣିବଲୟ ବନିଛେ । ଇତାର୍ବଲେ ଦକ୍ଷିଣ ଆର୍ ଉତର୍ ଓଡ଼ିଶାର୍ କେତେଟା ଜାଗା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଆଗ୍ତୁରା ଅନୁମାନ୍ କରାଯାଇଛେ । କଲାହାଣ୍ଡି, ବଲାଙ୍ଗିର୍, ନୂଆପଡ଼ା ଆର୍ ଦକ୍ଷିଣ ଓଡ଼ିଶାର୍ ଜିଲ୍ଲାମାନ୍କେ ବର୍ଷା ହେବା । ହେନ୍ତା ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍କର୍ କିଛି ଜାଗା ନ ଭଲ୍ ବର୍ଷା ହେବା ବଲି ଅନୁମାନ୍ କରାଯାଇଛେ । ଆଏବା ବୁଧବାର୍ ଆର୍

ଗୁରୁବାର୍ ଦିନ ଦକ୍ଷିଣ୍ ଓଡ଼ିଶାର୍ ବଡ଼ଭାଗୀ ଇଲାକା ନ ବର୍ଷା ଜାରି ରହେବା ।

ଗଲାକାଏଲ୍ ଟିଟିଲାଗଡ୍ ନ ୧୮ ମିଲିମିଟର୍, ବଲାଙ୍ଗିର୍ ନ ୧୭ ଦଶ୍ମିକ୍ ୫ ମିଲିମିଟର୍ ଆର୍ ବର୍ଗଡ୍ ନ ୧୨ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଥିଲା ।